ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

କୋଭିଡ୍-୧୯ ପି.ଆର୍. ନଂ-୧୪
ଅପରାହ୍ଣ-୪.୩୦ ଘଟିକା

# ପ୍ରେସ୍ ବିବୃତି

ଭୁବନେଶ୍ୱର : ୨୬ ମାର୍ଚ୍ଚ,୨୦୨୦

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)ର ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଓଡ଼ିଶା ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ଶ୍ରୀ ସୁବ୍ରତ ବାଗ୍‌ଚୀ ଆଜି ଅପରାହ୍ଣରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କୋଭିଡ୍-୧୯ ରୋଗୀମାନଙ୍କ ଚିକିତ୍ସା ସକାଶେ ଅତ୍ୟାଧୁନିକ ସୁବିଧା ଥିବା ୧୦୦୦ ଶଯ୍ୟାବିଶିଷ୍ଟ ୨ଟି ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍ ଭୁବନେଶ୍ୱରଠାରେ ପ୍ରତିଷ୍ଠା କରିବା ନିମନ୍ତେ ଆଜି ଲୋକସେବା ଭବନରେ ରାଜ୍ୟ ସରକାର, ସମ୍ ମେଡିକାଲ୍ କଲେଜ୍ ଓ କିମସ୍ ମେଡିକାଲ୍ କଲେଜ୍ ମଧ୍ୟରେ ଦୁଇଟି ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଆସନ୍ତା ୧୫ ଦିନ ମଧ୍ୟରେ ଆରମ୍ଭ ହେବାକୁ ଥିବା ଏହି ହସ୍‌ପିଟାଲ୍ ନିମନ୍ତେ ଓଡ଼ିଶା ଖଣି ନିଗମ ଓ ମହାନଦୀ କୋଲ୍ ଫିଲ୍‌ଡସ୍ ସେମାନଙ୍କ ଔଦ୍ୟୋଗିକ ସାମାଜିକ ପ୍ରତିବଦ୍ଧତା (ସିଏସ୍‌ଆର୍) ପାଣ୍ଠିରୁ ଅର୍ଥ ଯୋଗାଇଦେବେ ।

- ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଦେଶର ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ସେମାନଙ୍କ ରାଜ୍ୟରେ ଲକ୍ ଡାଉନ୍ ଯୋଗୁଁ ଅଟକି ଯାଇଥିବା ଓଡ଼ିଶାର ବିଭିନ୍ନ ବ୍ୟକ୍ତି କିମ୍ବା ବ୍ୟକ୍ତି ସମୁଦାୟଙ୍କୁ ଆବଶ୍ୟକୀୟ ସହଯୋଗ ଯଥା: ଖାଦ୍ୟପେୟ, ରହଣି ଓ ନିରାପତ୍ତା ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି । ଏ ବାବଦରେ ହୋଇଥିବା ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ ।

- ସେହିପରି ଓଡ଼ିଶାରେ ରହିଯାଇଥିବା ଅନ୍ୟ ରାଜ୍ୟର ଲୋକମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ନିମନ୍ତେ ପ୍ରତିଶ୍ରୁତି ଦେବା ସହିତ ଏ ବାବଦ ବ୍ୟୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଭରଣା କରାଯିବ ବୋଲି ସେ କହିଛନ୍ତି । ଏ ସଂପର୍କରେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

- କୋଭିଡ୍-୧୯ ଜନିତ ଲକ୍ ଡାଉନ୍ ସମୟରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଅନ୍ୟ ରାସ୍ତାରେ ସମସ୍ତ ମାଲବାହୀ ଗାଡ଼ିଗୁଡ଼ିକର ଅବାଧ ଚଳପ୍ରଚଳ ପାଇଁ ରାଜ୍ୟ ପୋଲିସ୍ ତରଫରୁ ଏକ 'ହେଲ୍ପ ଲାଇନ୍' ୦୬୭୪-୨୬୨୦୨୦୦ ଟେଲିଫୋନ୍ ନମ୍ବରରେ ଆରମ୍ଭ କରାଯାଇଛି । ଏହା ପ୍ରତ୍ୟେକ ଦିନ ସକାଳ ୮ ଘଟିକାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲାରହିବ । ଗାଡ଼ି ଚାଳକ କିମ୍ବା ମାଲ ପରିବହନ ସଂସ୍ଥାର ପରିଚାଳକମାନେ ଏହି ହେଲ୍ପ ଲାଇନ୍‌ର ସାହାଯ୍ୟ ଓ ପରାମର୍ଶ ନେଇପାରିବେ ।

- ତାଲାବନ୍ଦ (ଲକ୍ ଡାଉନ୍) କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ବିଷୟ ପରିଚାଳନା ନିମନ୍ତେ ଆଜିଠାରୁ ଗୃହ ବିଭାଗରେ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ ଆରମ୍ଭ କରିଛି । ଏହି ନିୟନ୍ତ୍ରଣ କକ୍ଷରୁ ୦୬୭୪-୨୩୯୨୧୧୫ ଏବଂ ୯୪୩୮୯୧୫୯୮୬ ନମ୍ବର ସହ ସଂଯୋଗ କରାଯାଇଛି । ରାଜ୍ୟ ବାହାରେ ଦେଶର ବିଭିନ୍ନ ସ୍ଥାନରେ ତାଲାବନ୍ଦ ଯୋଗୁଁ ଅଟକି ରହିଥିବା ଓଡ଼ିଆମାନଙ୍କ ବିଷୟ ମଧ୍ୟ ନିୟନ୍ତ୍ରଣ କକ୍ଷକୁ ଅବଗତ କରାଯାଇପାରିବ ।

- ଗତ ୪୮ ଘଣ୍ଟା ମଧ୍ୟରେ କୋଭିଡ୍-୧୯ ସଂପର୍କିତ ମାର୍ଗଦର୍ଶିକା ଓ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ମୋଟ ୪୦୪ ଟି ମାମଲା ରୁଜୁ କରାଯାଇଛି । ଏଥି ମଧ୍ୟରେ 'ଲକ୍ ଡାଉନ୍' ନିୟମ ଉଲ୍ଲଂଘନ ଅଭିଯୋଗରେ ୩୮୦ଟି, 'ହୋମ୍ କ୍ୱାରାଣ୍ଟାଇନ୍' (ସଙ୍ଗରୋଧ) ଉଲ୍ଲଂଘନ ଅଭିଯୋଗରେ ୧୦ଟି ଓ କୋଭିଡ୍-୧୯ ନିୟମାବଳୀ ଉଲ୍ଲଂଘନ ଅଭିଯୋଗରେ ୧୪ଟି ମାମଲା ଅନ୍ତର୍ଭୁକ୍ତ ।

- ସମ୍ବାଦପତ୍ର ସଂସ୍ଥାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଖବରକାଗଜ ବିତରଣକୁ ଅତ୍ୟାବଶ୍ୟକ ସେବା ଅନ୍ତର୍ଭୁକ୍ତ କରାଯାଇ ନିଉଜ୍ ପ୍ରିଣ୍ଟ, ଖବରକାଗଜ ଇତ୍ୟାଦିର ପରିବହନ ପାଇଁ ବ୍ୟବହୃତ ଯାନଗୁଡ଼ିକୁ କଟକଣାମୁକ୍ତ କରାଯାଇଛି । ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ଖବରକାଗଜ ବିକ୍ରୟ କେନ୍ଦ୍ର ଖୋଲାରହିବ ଓ ଖବରକାଗଜ ବିତରଣ କରୁଥିବା ହକର୍‌ମାନେ ଭୋର ୪ଟାରୁ ୭ଟା ପର୍ଯ୍ୟନ୍ତ ଯାତାୟତ କରିପାରିବେ । ମାତ୍ର ଏ ବାବଦରେ ହାତ ଧୁଆ ଓ ସାମାଜିକ ଦୂରତା ପରି ନିୟମ ଅନୁସରଣ କରିବାକୁ ହେବ ବୋଲି ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି ।

- ପ୍ରାଣୀସଂପଦ ସଂପର୍କିତ କାର୍ଯ୍ୟାବଳୀକୁ ଅତ୍ୟାବଶ୍ୟକୀୟ ସେବାର ଅନ୍ତର୍ଭୁକ୍ତ କରାଯାଇଛି । କ୍ଷୀର, ମାଂସ, ଅଣ୍ଡା, ମାଛ, ଗୋଖାଦ୍ୟ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ କରୁଥିବା ବ୍ୟକ୍ତିବିଶେଷଙ୍କୁ ଗାଡ଼ି ନିମନ୍ତେ ଅନୁମତି ପତ୍ର ପ୍ରଦାନ ପାଇଁ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀସଂପଦ ଅଧିକାରୀ ଏବଂ ସହରାଞ୍ଚଳ ପୌରସଂସ୍ଥା ଅଧିକାରୀମାନଙ୍କୁ କ୍ଷମତା ଦିଆଯାଇଛି ।

- নিজর ও পরিবারর সুরক্ষা নিমন্তে ঘরে রহিবা এবং লক্ ডাউন্‌কু পালন করিবা নিমন্তে প্রত্যেক ব্যক্তি **'মো জীবন'** শপথ গ্রহণ করিবাকু মাননীয় মুখ্যমন্ত্রী ওড়িশার জনসাধারণঙ্কু অনুরোধ করিথিলে । এহি আহ্বান ক্রমে এ পর্য্যন্ত ১০ লক্ষ লোক শপথ গ্রহণ করিছন্তি এবং সেথিরু ৩ লক্ষ লোক এহার ভিড়িও করি সোসিআল্ মিডিআ জরিআরে মাননীয় মুখ্যমন্ত্রীঙ্ক নিকটকু পঠাইছন্তি । সেমানঙ্কু আন্তরিক ধন্যবাদ জণাইবা সহ আহুরি অধিক লোক অনুরূপ শপথ নেবে বোলি মাননীয় মুখ্যমন্ত্রী আশাব্যক্ত করিছন্তি ।

- আজি দিন ১২টা সুদ্ধা ওড়িশারে ১৬৪টি নমুনা কোভিড্-১৯ পরীক্ষা পাইঁ পঠাযাইথিবাবেলে সমস্ত নমুনার রিপোর্ট হস্তগত হোইছি । এ পর্য্যন্ত ২টি পজিটিভ্ রহিথিবাবেলে আউ কৌণসি নূআ পজিটিভ্ চিহ্নট হোইনাহিঁ ।

- ওড়িশারে সংক্রমণ চিহ্নট হোইথিবা ২ জণ রোগীঙ্ক স্বাস্থ্যাবস্থা স্থির অছি । উভয় হস্‌পিটাল্‌রে দিআ যাউথিবা খাদ্য খাউছন্তি ।

- রোগীঙ্ক সংস্পর্শরে বর্ত্তমান সুদ্ধা ৫৫ জণ আসিথিবা তথ্য মিলিছি । সমস্তঙ্ক সহ যোগাযোগ হোইসারিছি ।

- ভুবনেশ্বররে ১০টি মনিটরিং টিম্ সমেত সারা রাজ্যরে ১০০টি মনিটরিং টিম্ এথিপাইঁ কার্য্য করুছন্তি ।

- বর্ত্তমান সুদ্ধা ৪২৪৯ জণ ১০৪ হেল্‌প লাইন্ এবং পোর্টাল্ জরিআরে পঞ্জীকরণ করিছন্তি ।

- কোভিড্-১৯রে আক্রান্ত ব্যক্তিঙ্ক সংস্পর্শরে আসিথিবা ৩৪ জণঙ্কু ডাক্তরখানারে আইসোলেসন্‌রে রখাযাইছি ।

সুচেতা প্রিয়দর্শিনী
পঠাণি রাউত
সূচনা অধিকারী